## Departure of Indian Air Force special flight carrying medical assistance to Wuhan, China
**February 26, 2020**

# ଚିକିତ୍ସା ସହାୟତା ନେଇ ଯାଉଥିବା ଭାରତୀୟ ବାୟୁସେନାର ସ୍ୱତନ୍ତ୍ର ବିମାନ ଚାଇନାର ୱୁହାନକୁ ପ୍ରସ୍ଥାନ

ଫେବୃୟାରୀ 26, 2020

ମାସ୍କ, ଗ୍ଲୋଭସ୍ ଏବଂ ଅନ୍ୟାନ୍ୟ ଜରୁରୀକାଳୀନ ଚିକିତ୍ସା ଉପକରଣ ସମେତ ପ୍ରାୟ 15 ଟନ୍ ଚିକିତ୍ସା ସହାୟତା ନେଇ ଭାରତୀୟ ବାୟୁସେନାର ଏକ ସ୍ୱତନ୍ତ୍ର ବିମାନ 26 ଫେବୃଆରୀ 2020 ରେ ଚାଇନାର ୱୁହାନ ଅଭିମୁଖେ ଯାତ୍ରା କରିଥିଲା।

ଚାଇନାରେ କରୋନା ଜୀବାଣୁ (କୋଭିଡ 19) ବିସ୍ତାର ଏବଂ ମାସ୍କ ଏବଂ ଚିକିତ୍ସା ଉପକରଣ ଯୋଗାଣ ପାଇଁ ଚୀନ୍‌ର ଅନୁରୋଧକୁ ଦୃଷ୍ଟିରେ ରଖି ଏହି ସହାୟତା ପ୍ରଦାନ କରାଯାଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଫେବୃଆରୀ 8, 2020 ରେ ରାଷ୍ଟ୍ରପତି ସି ଜିନପିଙ୍ଗଙ୍କୁ ଚିଠି ଲେଖି ଭାରତ ଏବଂ ଭାରତ ସରକାରଙ୍କ ଚୀନ୍‌ର ଲୋକ ତଥା ସରକାରଙ୍କ ସହ ଏକଓ୍ୱ ଭାବ ପ୍ରକାଶ କରିଛନ୍ତି ଏବଂ ଏହି ଆବଶ୍ୟକତା ଏ ସମୟରେ ଉପହାର ସ୍ୱରୂପ ଚୀନ୍‌କୁ ସହାୟତା ପ୍ରଦାନ କରିଛନ୍ତି । ଏସମସ୍ତ ଚିକିତ୍ସା ଯୋଗାଣ ସାମଗ୍ରୀ ଏହି ସଂକ୍ରମଣର ବିସ୍ତାରକୁ ନିୟନ୍ତ୍ରଣ କରିବା ପାଇଁ ଚୀନ୍‌ର ପ୍ରୟାସକୁ ବୃଦ୍ଧି କରିବାରେ ସାହାଯ୍ୟ କରିବ ଯାହା ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଦ୍ୱାରା ସାର୍ବଜନିକ ସ୍ୱାସ୍ଥ୍ୟ ଜରୁରୀକାଳୀନ ପରିସ୍ଥିତି ଭାବରେ ଘୋଷଣା ହୋଇଛି ।

ପଠାଯାଉଥିବା ସହାୟତା ମଧ୍ୟ ଚୀନ୍ ଲୋକଙ୍କ ପ୍ରତି ଭାରତର ବନ୍ଧୁତା ଏବଂ ଏକତାର ପ୍ରତୀକ ଅଟେ । କାରଣ ଉଭୟ ଦେଶ ମଧ୍ୟ ଚଳିତ ବର୍ଷ କୂଟନୈତିକ ସମ୍ପର୍କ ପ୍ରତିଷ୍ଠାର 70 ତମ ବାର୍ଷିକୀ ପାଳନ କରୁଛି ।

ଭାରତୀୟ ବାୟୁସେନା ବିମାନ ମଧ୍ୟ ଆମର କିଛି ପଡୋଶୀ ଦେଶରୁ କିଛି ଭାରତୀୟ ଏବଂ ବିଦେଶୀ ନାଗରିକଙ୍କୁ ଫେରାଇ ଆଣିବ ଯେଉଁମାନେ ପ୍ରଧାନମନ୍ତ୍ରୀ ମୋଦୀଙ୍କ ପଡ଼ୋଶୀ ନୀତି ଅନୁଯାୟୀ ଭାରତ ଗସ୍ତରେ ସହାୟତା ଲୋଡିଛନ୍ତି।

**ନୂଆ ଦିଲ୍ଲୀ**
**ଫେବୃୟାରୀ 26, 2020**

DISCLAIMER : This is an approximate translation. The original is available in English on MEA's website and may be referred to as the official press release.